# OFFICE OF THE MUNICIPAL COUNCIL, BALASORE.

Tel & Fax No. 06782-251222

e-mail:-balasoremunicipality@rediffmail.com


## ବିଜ୍ଞାପନ

ସଂଖ୍ୟା ୧୪୩୬୮ ତା.୦୮/୧୦/୨୫

ଏତଦ୍ୱାରା ବାଲେଶ୍ୱର ପୌରପାଳିକା ଅଞ୍ଚଳର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ (ମିଶନ ଶକ୍ତି ଗୋଷ୍ଠୀ) ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆମ ପୋଖରୀ ଯୋଜନା ରେ ପୁନରୁଦ୍ଧାର କରାଯାଇଥିବା ନିମ୍ନଲିଖିତ ପୋଖରୀ ମାନଙ୍କର ରକ୍ଷଣାବେକ୍ଷଣ କରିବା ନିମନ୍ତେ ଆଗ୍ରହୀ ସ୍ୱୟଂ ସହାୟକ ଗୋଷ୍ଠୀ (ମିଶନ ଶକ୍ତି ଗୋଷ୍ଠୀ) ମାନଙ୍କ ଠାରୁ ଅଭିବ୍ୟକ୍ତ ପ୍ରକାଶନ (EOI) ଆହ୍ୱାନ କରାଯାଉଅଛି ।

| କ୍ରମିକ ସଂଖ୍ୟା | ୱାର୍ଡ ନଂ | ପୋଖରୀ ର ନାମ |
|---|---|---|
| ୧ | ୯ | ପଡୁଆପଦା ପୋଖରୀ |
| ୨ | ୧୧ | ପୌରପାଳିକା ଅଫିସ ପୋଖରୀ |
| ୩ | ୧୮ | କଲେକ୍ଟର ଅଫିସ ପୋଖରୀ |

ଅଭିବ୍ୟକ୍ତ ପ୍ରକାଶନ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ (ମିଶନ ଶକ୍ତି ଗୋଷ୍ଠୀ) ମାନଙ୍କର ନିମ୍ନ ଲିଖିତ ଯୋଗ୍ୟତା ଥିବା ଆବଶ୍ୟକ।

(୧) ସ୍ୱୟଂ ସହାୟକ ଗୋଷ୍ଠୀଟି NULM କିମ୍ବା ମିଶନ ଶକ୍ତିରେ ପଞ୍ଜୀକୃତ ହୋଇଥିବେ

(୨) ଦରଖାସ୍ତ ଦାଖଲ କରିବା ତାରିଖ ସୁଦ୍ଧା ସ୍ୱୟଂ ସହାୟକ ଗୋଷ୍ଠୀଟି ଅନ୍ୟୁନ ୩ ବର୍ଷ ପୂରଣ କରିଥିବା ଆବଶ୍ୟକ

(୩) ସ୍ୱୟଂ ସହାୟକ ଗୋଷ୍ଠୀଟି ପଞ୍ଚସୂତ୍ର ପାଳନ କରୁଥିବା ଆବଶ୍ୟକ (ନିୟମିତ ବୈଠକ, ସଞ୍ଚୟ, ଋଣ ଆଦାନ ପ୍ରଦାନ, ଟଙ୍କା ଫେରସ୍ତ ନୋଥିପତ୍ର ଠିକ ଥିବା )

(୪) ସ୍ୱୟଂ ସହାୟକ ଗୋଷ୍ଠୀଟି ଅନ୍ୟାନ୍ୟ ରୋଜଗାରକ୍ଷମ କାର୍ଯରେ ଜଡ଼ିତ ଥିବେ

(୫) ସ୍ୱୟଂ ସହାୟକ ଗୋଷ୍ଠୀଟି ବିଗତ ତିନିଟି ଆର୍ଥିକବର୍ଷ ମଧ୍ଯରୁ ଯେକୌଣସି ଗୋଟିଏ ବର୍ଷରେ ଅନ୍ୟୁନ ୨ ଲକ୍ଷର କାରବାର ହୋଇଥିବା ଆବଶ୍ୟକ

(୬) ଗ୍ରୁପରେ କୌଣସି ଆର୍ଥିକ ଅନିୟମିତତା ଯଥା:- NPA, Write off ହୋଇନଥିବ

(୭) ଗ୍ରୁପରେ କୌଣସି ସଦସ୍ୟା ଅସାମାଜିକ କିମ୍ବା ଅପରାଧିକ କାର୍ଯରେ ଲିପ୍ତ ନଥିବେ

(୮) ଗ୍ରୁପରେ ଅନ୍ୟୁନ ଜଣେ ସଦସ୍ୟା ଦଶମ ଶ୍ରେଣୀ ପାଠ ପଢିଥିବେ

ଉପରୋକ୍ତ ଯୋଗ୍ୟତା ଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନେ ରକ୍ଷଣାବେକ୍ଷଣ କାର୍ଯ କରିବାପାଇଁ ଆବେଦନପତ୍ର ସହିତ ନିମ୍ନଲିଖିତ ଦସ୍ତାବିଜ ସବୁ ସଂଲଗ୍ନ କରି ଏକ ବନ୍ଦ ଲୋଫାପାରେ "EOI for maintenance of waterbody, ward No________ ଲେଖି ଆସନ୍ତା ତା ୧୫.୧୦.୨୦୨୫ ରିଖ ଅପରାହ୍ନ ୩ଟା ମଧ୍ଯରେ ବାଲେଶ୍ୱର ପୌରପାଳିକାର ଚିଠିପତ୍ର ଆଦାନ ପ୍ରଦାନ ବିଭାଗରେ ଦାଖଲ କରିବେ । ନିର୍ଦ୍ଧାରିତ ସମୟ ପରେ କୌଣସି ଆବେଦନପାତ୍ର ଗ୍ରହଣ କରାଯିବ ନାହିଁ ।

**ସଂଲଗ୍ନ କରିବାପାଇଁ ଆବଶ୍ୟକୀୟ ଦସ୍ତାବିଜର ତାଲିକା:-**

(୧) କାର୍ଯ୍ୟକରିବା ପାଇଁ ଇଚ୍ଛୁକ ଥିବାର ଦରଖାସ୍ତ

(୨) ପ୍ରଥମ ଓ ଶେଷ ଅଧିବେଶନର ନକଲ

(୩) ଗ୍ରୁପର updated ବ୍ୟାଙ୍କ ଖାତାର ପ୍ରଥମ ଓ ଶେଷ ପୃଷ୍ଠାର ନକଲ

(୪) Income generating activities ର ତାଲିକା

(୫) ଅନ୍ୟାନ୍ୟ ସରକାରୀ କାର୍ଯକ୍ରମରେ ଲିପ୍ତଥିବାର ପ୍ରମାଣ

(୬) ଗ୍ରୁପର ପ୍ୟାନକାର୍ଡ ର ନକଲ।

Scanned with CamScanner

ଆସନ୍ତା ତା ୧୮/୦୧/୨୪ ରିଖ ୧୧.୩୦ ସମୟରେ ସମସ୍ତ ଇ.ଓ.ଆଇ. ଖୋଲାଯିବ ଏବଂ ଆବେଦନ କରିଥିବା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କର ଦସ୍ତାବିଜ ସବୁ ଆସନ୍ତା ତା ୨୦/୦୧/୨୪ ରିଖ ରେ ଯାଞ୍ଚକରାଯିବ। ଯାଞ୍ଚ ପାଇଁ ଆସିବା ସମୟରେ ସ୍ୱୟଂ ସହାୟକ ଗୋଷ୍ଠୀମାନେ ନିମ୍ନଲିଖିତ ଦସ୍ତାବିଜ ସବୁ ସାଥିରେ ଆଣିବାପାଇଁ ଅନୁରୋଧ କରାଗଲା ।

(୧) ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ରିଜଲ୍ୟୁସନ ଖାତା

(୨) ଗ୍ରୁପର updated ବ୍ୟାଙ୍କ ଖାତା

(୩) ସ୍ୱୟଂ ସହାୟକ ଗୋଷ୍ଠୀର କ୍ୟାଶ ବୁକ

(୪) Income generating activities ର ତାଲିକା

(୫) ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମରେ ଲିପ୍ତଥିବାର ପ୍ରମାଣ ର ଦସ୍ତାବିଜ

(୬) ଗ୍ରୁପର Original ପ୍ୟାନକାର୍ଡ

ସ୍ୱୟଂ ସହାୟକ ଗୋଷ୍ଠୀ ଚୟନ ବେଳେ ସମ୍ପୃକ୍ତ ୱାର୍ଡର SHGଙ୍କୁ ଅଗ୍ରାଧିକାର ଦିଆଯିବ । ଯଦି ସମ୍ପୃକ୍ତ ୱାର୍ଡର ସ୍ୱୟଂ ସହାୟକ ଗୋଷ୍ଠୀ (ମିଶନ ଶକ୍ତି ଗୋଷ୍ଠୀ) ମାନଦଣ୍ଡ ଅନୁଯାୟୀ ଯୋଗ୍ୟ ନହୁଅନ୍ତି ତାହେଲେ ଅନ୍ୟ ୱାର୍ଡର ସ୍ୱୟଂ ସହାୟକ ଗୋଷ୍ଠୀ(ମିଶନ ଶକ୍ତି ଗୋଷ୍ଠୀ) ଙ୍କୁ ସୁଯୋଗ ଦିଆଯିବ ।

କାର୍ଯ୍ୟନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପାଳିକା

ଜ୍ଞାପକ ସଂଖ୍ୟା ୧୬୩୯୯ ତା ୮/୦୧/୨୪

ଏହାର ଏକକିତା ନକଲ ବାଲେଶ୍ୱର ପୌରପାଳିକା କାର୍ଯ୍ୟାଳୟ ବିଜ୍ଞାପନ ଫଳକ , ଶିଶୁବିକାଶ ପ୍ରକଳ୍ପ ଅଧିକାରୀ (ସି.ଡି.ପି.ଓ) ଙ୍କ କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ପ୍ରକାଶନ କରାଯାଇ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା।

କାର୍ଯ୍ୟନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପାଳିକା

ଜ୍ଞାପକ ସଂଖ୍ୟା ୧୬୪୦୦ ତା ୮/୦୧/୨୪

ଏହାର ଏକକିତା ନକଲ MIS ବାଲେଶ୍ୱର ପୌରପାଳିକାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା। ଉକ୍ତ EOI କୁ balasore.odisha.gov.in ରେ ଅପଲୋଡ କରିବାକୁ ନିର୍ଦ୍ଦେଶ ଦିଆଗଲା।

କାର୍ଯ୍ୟନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପାଳିକା

ଜ୍ଞାପକ ସଂଖ୍ୟା ୧୬୪୦୧ ତା ୮/୦୧/୨୪

ଏହାର ଏକକିତା ନକଲ ଅଧକ୍ଷା / ଉପାଧକ୍ଷ/ସମସ୍ତ କାଉନସିଲର, ବାଲେଶ୍ୱର ପୌରପାଳିକାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

କାର୍ଯ୍ୟନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପାଳିକା

ଜ୍ଞାପକ ସଂଖ୍ୟା ୧୬୪୦୨ ତା ୮/୦୧/୨୪

ଏହାର ଏକକିତା ନକଲ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ / ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, ବାଲେଶ୍ୱର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

କାର୍ଯ୍ୟନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପାଳିକା

Scanned with CamScanner